ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Culture(OD)/ 861/12-12-2020**

## 'ଅନୁଭବରେ ବିଶାଳ ଆମେରିକା' ଲୋକାର୍ପିତ
## ଓଡ଼ିଆ ଭ୍ରମଣ ସାହିତ୍ୟର ପରମ୍ପରା ଅତ୍ୟନ୍ତ ସମୃଦ୍ଧ

ଭୁବନେଶ୍ୱର, ତା.୧୨/୧୨/୨୦୨୦

ଓଡ଼ିଆ ସାହିତ୍ୟରେ ଭ୍ରମଣ ସାହିତ୍ୟ ପରମ୍ପରା ସମୃଦ୍ଧ ଗୌରବର ଅଧିକାରୀ । ଦେଶ, ରାଜ୍ୟ ଓ ବିଦେଶକୁ ନେଇ ରଚିତ ରାଶି ରାଶି ଭ୍ରମଣ ବୃତ୍ତାନ୍ତ ପାଠକମାନଙ୍କୁ ଆଛନ୍ନ କରିବସିଛି । ଭ୍ରମଣକାରୀର ମାନସିକତା, ଆଗ୍ରହ ଓ ରୁଚିକୁ ନେଇ ଭ୍ରମଣ ବୃତ୍ତାନ୍ତ ବିକଶିତ ହୋଇଥାଏ । ସେଥିପାଇଁ ଭ୍ରମଣ ସାହିତ୍ୟର ପାଠକ ମହଲରେ ଆଦୃତି ରହିଛି ବୋଲି ବକ୍ତାମାନେ 'ଅନୁଭବରେ ବିଶାଳ ଆମେରିକା' ଭ୍ରମଣ ଗ୍ରନ୍ଥର ଲୋକାର୍ପଣ କାର୍ଯ୍ୟକ୍ରମରେ ମତପ୍ରଦାନ କରିଛନ୍ତି ।

ଆୟକର ଆୟୁକ୍ତ ତଥା ସ୍ତମ୍ଭକାର ମନୋରଞ୍ଜନ ପାଣିଗ୍ରାହୀଙ୍କ ଚତୁର୍ଥ ପୁସ୍ତକ 'ଅନୁଭବରେ ବିଶାଳ ଆମେରିକା' ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ରାଜସ୍ୱ ବିଭାଗ ସ୍ଥିତ ଆୟକର ଭବନ ସମ୍ମିଳନୀ କକ୍ଷରେ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ସାଂସଦ ତଥା ପ୍ରସିଦ୍ଧ ସାହିତ୍ୟିକ ଡ. ପ୍ରସନ୍ନ ପାଟ୍ଟଶାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଛନ୍ତି ଯେ ବହୁଲୋକ ଦେଶ ଭ୍ରମଣ କରନ୍ତି ମାତ୍ର ଭ୍ରମଣ ଅନୁଭବ ବ୍ୟକ୍ତ କରିପାରନ୍ତି ନାହିଁ । ଲେଖକ ଶ୍ରୀ ପାଣିଗ୍ରାହୀଙ୍କ ପୁସ୍ତକରେ ଭାରତୀୟତା ଓ ମାଟିର ଗନ୍ଧ ବାରି ହେଉଥିବାରୁ ଏହି ପୁସ୍ତକ ଆଦୃତ ହେବ ବୋଲି ସେ ଆଶାପ୍ରକଟ କରିଥିଲେ । ରାଜନେତା ତଥା ଆଲୋଚକ ପ୍ରସାଦ ହରିଚନ୍ଦନ କହିଥିଲେ ଯେ ମାନବଜାତିର ଅତୀତ ଅନୁଧ୍ୟାନ ପାଇଁ ଭାରତ ଓ ଚୀନ୍, ବର୍ତ୍ତମାନ ପାଇଁ ବ୍ରିଟେନ୍ ଓ ଭବିଷ୍ୟତ ଆକଳନ ପାଇଁ ଆମେରିକା ଭ୍ରମଣ ଆବଶ୍ୟକ ବୋଲି ଆଗରୁ ରହିଥିବା ମନ୍ତବ୍ୟ ଶ୍ରୀ ପାଣିଗ୍ରାହୀଙ୍କ ଗ୍ରନ୍ଥରେ ସଦୃଷ୍ଟାନ୍ତ ପ୍ରତିଫଳିତ ହୋଇଛି । କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ବୋର୍ଡର ଆବାହକ ତଥା ସମାଲୋଚକ ଡ. ବିଜୟାନନ୍ଦ ସିଂହ ଏହି ପୁସ୍ତକରେ ରହିଥିବା ବିଶେଷତ୍ୱଗୁଡ଼ିକ ଉପରେ ଉଲ୍ଲେଖ କରିଥିବାବେଳେ ବିଶିଷ୍ଟ ଗବେଷିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଶ୍ରୀ ପାଣିଗ୍ରାହୀଙ୍କ ତଥ୍ୟ ପ୍ରଦାନ, ଆକଳନ ଓ ପ୍ରବାସୀ ଅନୁଭବର ଚିତ୍ର ଏହି ପୁସ୍ତକରେ ରୂପାୟିତ ହୋଇଛି ବୋଲି ଉଲ୍ଲେଖ କରିଥିଲେ । ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ପୁସ୍ତକର ସମୀକ୍ଷା କରି 'ନନ୍‌ଫିକସନ୍' ଭାବରେ ଏହି ପୁସ୍ତକ ପାଠକ ମହଲରେ ଆଦୃତ ହେବ ଏବଂ ଏହାର ସ୍ୱାତନ୍ତ୍ର୍ୟଗୁଡ଼ିକ ଲେଖକଙ୍କ ଦ୍ୱାରା ସୁରକ୍ଷିତ ରଖାଯାଇଛି ବୋଲି ମତ ରଖିଥିଲେ ।

ସୃଜନ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମରେ ସିନେ ସମାଲୋଚକ ସୂର୍ଯ୍ୟ ଦେଓ ସଂଯୋଜନା କରିଥିଲେ । ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । ଲେଖକଙ୍କ ପତ୍ନୀ ଡା. ସଂଘମିତ୍ରା ପତିଙ୍କ ଜନ୍ମଦିନ ଅବସରରେ ଏହି ପୁସ୍ତକ ଲୋକାର୍ପିତ ହେଉଥିବାରୁ ଅତିଥିମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଲେଖକ ଶ୍ରୀ ପାଣିଗ୍ରାହୀ ତାଙ୍କ ଅନୁଭବ ଓ ଲେଖକୀୟ ସମ୍ଭାବନାକୁ ନେଇ ନିଜସ୍ୱ ମନ୍ତବ୍ୟ ଉପସ୍ଥାପନ କରିଥିଲେ । ଲକ୍‌ଡାଉନ୍ ସମୟରେ ଏପରି ଭ୍ରମଣ କାହାଣୀ ରଚନା କରାଯାଇ ଓଡ଼ିଆତ୍ୱକୁ ଗୌରବାନ୍ୱିତ କରାଯାଇଛି ବୋଲି ଅତିଥିମାନେ ମତପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଗବେଷକ, ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ